# REGIONAL NEWS UNIT, AIR CUTTACK

## Mid-day Bulletin (2.52PM)

### 24 March - 2026

*********************************

## ମୁଖ୍ୟ ସମ୍ବାଦ

- କଟକ ବଡ଼ ଡାକ୍ତରଖାନା ଅଗ୍ନିକାଣ୍ଡ ଘଟଣାରେ ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ରାଜ୍ୟରେ ବିଭିନ୍ନ ବନୀକରଣ ଯୋଜନାରେ କରାଯାଇଛି ପ୍ରାୟ ୪ କୋଟି ୩୭ ଲକ୍ଷ ଚାରାରୋପଣ
- ଯକ୍ଷ୍ମା ରୋଗର ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ଯକ୍ଷ୍ମା ଦିବସ'

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ପ୍ରଥମ ଜାତୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟରେ ଆଜି କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ପ୍ରଶ୍ନକାଳ ଓ ଶୂନ୍ୟକାଳ ଠିକ୍ ଭାବେ ଚାଲିପାରି ନ ଥିଲା। ପ୍ରଶ୍ନକାଳ ମାତ୍ର ୧୬ ମିନିଟ୍ ପାଇଁ ଚାଲିଥିଲା। ଶୂନ୍ୟକାଳରେ ହଟ୍ଟଗୋଳ ମଧ୍ୟରେ ଶାସକ ଦଳର ସଦସ୍ୟମାନେ ବିଭନ୍ନ ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ବିଭାଗୀୟ ମନ୍ତ୍ରୀଙ୍କୁ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଜାରି ରହିବାରୁ ପ୍ରଥମେ ଗୃହକୁ ୧୦ଟା ୪୬ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ବିଧାନସଭା-ଜଙ୍ଗଲ ଜମି

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଦୁଇବର୍ଷରେ ବିଭିନ୍ନ ବନୀକରଣ ଯୋଜନାରେ ମୋଟ୍ ୪ କୋଟି ୩୬ ଲକ୍ଷ ୭୩ ହଜାର ଚାରା ରୋପଣ କରାଯାଇଛି। ସଦସ୍ୟ ସାରଦା ପ୍ରସାଦ ନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି, ରୋପଣ କରାଯାଇଥିବା ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ବିଭାଗ ପକ୍ଷରୁ କରାଯାଉଛି।

ବନୀକରଣର ରକ୍ଷଣାବେକ୍ଷଣ ଓ ସେବା ପାଳନ ନିମନ୍ତେ ୨୦୨୩-୨୪ ଆର୍ଥିକବର୍ଷରେ ଦୁଇ ଶହ କୋଟି ଓ ୨୦୨୪-୨୫ ଆର୍ଥିକବର୍ଷରେ ଦେଢ଼ ଶହ କୋଟିରୁ ଊର୍ଦ୍ଧ୍ୱ ଅର୍ଥରାଶି ବ୍ୟୟ କରାଯାଇଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ଖଣି ଓ ଶିଳ୍ପ କାରଖାନା ପାଇଁ ୧୨ ହଜାର ୭୬୯ ହେକ୍ଟର ଜଙ୍ଗଲ ଜମି ଅପସାରିତ ହୋଇଛି। ଏଥିପାଇଁ ୩ ଲକ୍ଷ ୭୨ ହଜାର ୪୧୮ ଟି ଗଛ କଟାଯାଇଛି। ବନ ସଂରକ୍ଷଣ ଓ ସଂବର୍ଦ୍ଧନ ଅଧିନିୟମ ୧୯୮୦ ଅନୁଯାୟୀ କ୍ଷତିପୂରକ ବନୀକରଣ ନିମନ୍ତେ ୧୨ ହଜାର ୯୩୩ ଦଶମିକ ୪/୧/୬ ହେକ୍ଟର ଅଣ ଜଙ୍ଗଲଜମି ସମ୍ପୃକ୍ତ ବ୍ୟବହାରିକ ସଂସ୍ଥାଙ୍କଠାରୁ ପ୍ରାପ୍ତ ହୋଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଜଙ୍ଗଲ ନିଆଁ

ରାଜ୍ୟର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁକୁ ରୋକିବା ନିମନ୍ତେ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ଗୃହକୁ ଅବଗତ କରାଇଛନ୍ତି। ଶ୍ରୀ ଖୁଣ୍ଟିଆ କହିଛନ୍ତି, ଜଙ୍ଗଲ ଆଭ୍ୟନ୍ତରୀଣ ତଥା ଜଙ୍ଗଲ ସୀମାବର୍ତ୍ତୀ ଅଂଚଳରେ ଅଗ୍ନି ପ୍ରଶମନ ରେଖା ସୃଷ୍ଟି କରାଯାଇଛି। ବନଖଣ୍ଡ ଏବଂ ରେଞ୍ଜସ୍ତରୀୟ ସଚେତନତା ଅଭିଯାନ, ବନ ସଚେତନତା କାର୍ଯ୍ୟକ୍ରମର ସୂଚନା, ବ୍ୟାନର ଓ ବିଜ୍ଞାପନକୁ ସଠିକ୍ ସ୍ଥାନରେ ପ୍ରଦର୍ଶନ କରାଯାଉଛି। ବନାଗ୍ନି ଅବରୋଧକ ପ୍ରଶିକ୍ଷିତ ଦଳ ଗଠନ କରାଯାଇଛି। ବନାଗ୍ନି ନିର୍ବାପନ ନିମନ୍ତେ ୨୬୧ଟି ଗାଡ଼ି, ୧ ହଜାର ୩୭ଟି ଅଗ୍ନି ନିର୍ବାପକ ଉପକରଣ ଓ ପର୍ଯ୍ୟାପ୍ତ ପରିମାଣର ଅଗ୍ନି ସୁରକ୍ଷା କିଟ୍ ପ୍ରଦାନ କରାଯାଇଛି। ରିଅଲ୍ ଟାଇମ୍ ଆଧାରରେ ଅଗ୍ନିକାଣ୍ଡ ସ୍ଥଳ ଚିହ୍ନଟ କରି

ପଠାଇବା ନିମନ୍ତେ ଶିମିଳିପାଳରେ କୃତ୍ରିମ ବୁଦ୍ଧିମତ୍ତା କ୍ୟାମେରା ଲଗାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ହେନ୍ତାଳବଣ

ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଗତ ଦୁଇବର୍ଷ ମଧ୍ୟରେ ୫୮୦ ହେକ୍ଟର ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି। ବିଧାନସଭାରେ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଖୁଣ୍ଟିଆ କହିଛନ୍ତି, ୨୦୨୪-୨୫ ଆର୍ଥିକବର୍ଷରେ ମୋଟ୍ ୩୯୧ ହେକ୍ଟର ଏବଂ ୨୦୨୫-୨୬ ଆର୍ଥିକବର୍ଷରେ ୧୮୯ ହେକ୍ଟର ହେନ୍ତାଳବଣ ସୃଷ୍ଟି ହୋଇଛି। ଏହି ଦୁଇବର୍ଷରେ ରାଜନଗରରେ ସର୍ବାଧିକ ୩୧୪ ହେକ୍ଟର, ବାଲେଶ୍ୱରରେ ୧୬୫ ଓ ଭଦ୍ରକ ଜିଲ୍ଲାରେ ୫୫ ହେକ୍ଟର ହେନ୍ତାଳବଣ ସୃଷ୍ଟି କରାଯାଇଛି।

## ବିଧାନସଭା-ହାତୀଦାନ୍ତ

ରାଜ୍ୟରେ ଗତ ପାଞ୍ଚବର୍ଷରେ ୧୦୭ଟି ହାତୀଦାନ୍ତ, ୧୧୦ଟି କଲରାପତରିଆ ବାଘଛାଲ ଓ ଛଅଟି ମହାବଳ ବାଘଛାଲ ଜବତ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ପ୍ରକାଶ କରିଛନ୍ତି। ନ୍ୟାୟାଳୟରେ ମାମଲାର ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଜବତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଛି। ସାମଗ୍ରୀଗୁଡ଼ିକର କୋର୍ଟ ମାମଲା ସମାଧାନ ହେବା ପରେ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କେନ୍ଦ୍ର

ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବନ୍ୟଜନ୍ତୁ ଆଇନ୍-୨୦୨୩ ଆଧାରରେ ନଷ୍ଟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

ଖଡଗ୍‌ପୁରସ୍ଥିତ ରେଲଓ୍ୱେ ଏମ୍‌ପ୍ଲୋଇ କଲଚରାଲ ଆସୋସିଏସନ୍- ରେକା'ର ଦୀର୍ଘଦିନରୁ ପଡିରହିଥିବା ଜମି ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦମାନଙ୍କ ଏକ ପ୍ରତିନିଧିଦଳ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଖଡଗ୍‌ପୁରର ନିୟୁ ସେଟଲମେଣ୍ଟ ଅଂଚଳରେ ଥିବା ପ୍ରାୟ ୫ ହଜାର ୯୧୫ ବର୍ଗମିଟର ପରିମିତ ରେଳ ଜମିକୁ 'ରେକା' ନାମରେ ନିୟମିତ କରିବା ପାଇଁ ସାଂସଦମାନେ ଦାବି କରିଛନ୍ତି । ୧୯୮୯ ମସିହାରୁ 'ରେକା' ଖଡଗ୍‌ପୁର ଭଳି ଏକ ବହୁଭାଷୀ ରେଳ ସହରରେ କର୍ମଚାରୀଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ସାମାଜିକ କଲ୍ୟାଣ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିବା ସାଂସଦମାନେ ଦାବିପତ୍ରରେ ଦର୍ଶାଇଛନ୍ତି ।

## ବିଶ୍ୱ ଯକ୍ଷ୍ମା ଦିବସ

ଯକ୍ଷ୍ମାରୋଗର ମୁକାବିଲା ଏବଂ ଏହାର ସାମାଜିକ, ଅର୍ଥନୈତିକ ପରିଣାମ ବିଷୟରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି 'ବିଶ୍ୱ ଯକ୍ଷ୍ମାଦିବସ' ପାଳନ

କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଜନ ସହଯୋଗ ଓ ଦେଶ ନେତୃତ୍ୱରେ ଯକ୍ଷ୍ମାକୁ ଶେଷ କରିବା'।

ରାଜ୍ୟ ସରକାର ନିକ୍ଷୟ ପୋଷଣ ଯୋଜନାରେ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଆହାର ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ହସ୍ପିଟାଲଗୁଡ଼ିକରେ ଟ୍ରୁନାଟ୍ ମେସିନ୍‌ରେ ଯକ୍ଷ୍ମା ପରୀକ୍ଷା କରାଯାଇ ସଂକ୍ରମିତଙ୍କୁ ମାଗଣା ଔଷଧ ଦିଆଯାଉଛି। ଦୁଇ ସପ୍ତାହରୁ ଅଧିକ ସମୟ ଧରି କାଶ ହେଲେ ତୁରନ୍ତ ପରୀକ୍ଷା କରାଇନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଯକ୍ଷ୍ମା ଦିବସରେ କହିଛନ୍ତି, ସରକାର ଟିବିମୁକ୍ତ ଓଡ଼ିଶା ଗଠନ ପାଇଁ ପ୍ରତିବଦ୍ଧ। ସମସ୍ତେ ମିଶି ସଚେତନତା ବଢ଼ାଇବା, ଅପବାଦକୁ ସମାପ୍ତ କରିବା ଏବଂ ସମୟୋପଯୋଗୀ ଚିକିତ୍ସା ସୁନିଶ୍ଚିତ କରିବା।

**ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ ଏହି ଦିବସରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ କହିଛନ୍ତି। ସମସ୍ତଙ୍କ ମିଳିତ ପ୍ରୟାସରେ ଏକ ଯକ୍ଷ୍ମାମୁକ୍ତ ଭାରତ ଗଠନ ସମ୍ଭବ ହୋଇପାରିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

ବିଶ୍ୱ ଯକ୍ଷ୍ମା ଦିବସରେ ରାଜ୍ୟ ସ୍ୱାସ୍ଥ୍ୟ ସେବା (ଟିବିର) ଅତିରିକ୍ତ ନିର୍ଦ୍ଦେଶିତ ଡାକ୍ତର ଅର୍ଘ୍ୟ ପ୍ରଧାନ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

**ଟିବିମୁକ୍ତ ଭାରତ**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜିଠାରୁ ଟିବିମୁକ୍ତ ଭାରତ ଟୁ ପଏଣ୍ଟ ଓ'ର ଶହେ ଦିନିଆ ଅଭିଯାନ ଆରମ୍ଭ ହୋଇଛି । **ନବରଙ୍ଗପୁର** ଜିଲ୍ଲାର ୨୩୫ଟି ଯକ୍ଷ୍ମା ପ୍ରଭାବିତ ଗ୍ରାମରେ ୧୦୦ ଦିନ ମଧ୍ୟରେ ପରୀକ୍ଷା ନୀରିକ୍ଷା କରାଯିବ । ଗ୍ରାମସ୍ତରରେ ନିଃଶୁଳ୍କ ଚେଷ୍ଟ ଏକ୍ସରେ ମାଧ୍ୟମରେ ଲୁକ୍‌କାୟିତ ରୋଗୀ ଏବଂ ନୂତନ ରୋଗୀଙ୍କୁ ଚିହ୍ନଟ କରାଯାଇ ସମସ୍ତଙ୍କୁ ସମୟୋପଯୋଗୀ ଚିକିତ୍ସା ସୁନିଶ୍ଚିତ କରାଯିବା ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଜିଲ୍ଲାରେ ଏବେସୁଦ୍ଧା ୧ ହଜାର ୫୮୧ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି । ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟସମିତି ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଯକ୍ଷ୍ମାମୁକ୍ତ ଭାରତ ଗଠନ ସମ୍ପର୍କିତ ପ୍ଲା-କାର୍ଡ ଧରି ଜିଏନ୍‌ଏମ୍ ଛାତ୍ରୀ ଓ ଆଶାକର୍ମୀମାନେ ସହର ପରିକ୍ରମା କରିଥିଲେ ।

**ଭଦ୍ରକ** ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ନୂଆବଜାର ପୁରୁଣା ମେଡିକାଲ ସଭାଗୃହରେ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ ଯୋଗଦେଇ ଟିବିମୁକ୍ତ ଭାରତ ଅଭିଯାନ ଓ ଯକ୍ଷ୍ମା ରୋଗର ଚିହ୍ନଟ ଓ ନିରାକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

## ବାସନ୍ତିକ

**ଗଞ୍ଜାମ** ଜିଲ୍ଲାର ମା' ତାରାତାରିଣୀଙ୍କ ତୃତୀୟ ପାଳି ମଙ୍ଗଳବାର ଯାତ୍ରା ଏବଂ ଚୈତ୍ର ଶୁକ୍ଳ ବାସନ୍ତିକ ସପ୍ତମୀ ପୀଠ ପୂଜା ସ୍ୱତନ୍ତ୍ର ରୀତିନୀତିରେ ଜାରି

ରହିଛି। ପରମ୍ପରା ଅନୁସାରେ, ରାତ୍ର ଗୋଟାଏ ୨୦ ମିନିଟ୍‌ରୁ ମନ୍ଦିରର ଦ୍ୱାରଫିଟା ନୀତି ସମ୍ପନ୍ନ ପରେ  ମଙ୍ଗଳ ଆଳତି, ଅବକାଶ, ମାଜଣା, ଶୃଙ୍ଗାର, ଅଭିଷେକ କରାଯାଇ ମା’ ତାରା ଓ ତାରିଣୀ ଦୁଇ ଭଉଣୀଙ୍କୁ ମହାସରସ୍ୱତୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଭୋର୍ ୪ଟାରେ ସାହାଣମେଲା ହୋଇ ମା’ ସରସ୍ୱତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଏଥିସହିତ ରାତ୍ର ୩ଟାରୁ ମାନସିକଧାରୀଙ୍କ ମୁଣ୍ଡନକାର୍ଯ୍ୟ ଆରମ୍ଭ ହୋଇଥିଲା। ବାସନ୍ତିକ ସପ୍ତମୀ ପୂଜା ପାଇଁ ଚଣ୍ଡିପାଠ ଆଦି କର୍ମ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ସୁଭଦ୍ରା କିଓସ୍କୋ

**ଭଦ୍ରକ** ଜିଲ୍ଲା ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଟପଡା ପଂଚାୟତ ମହିଳା ସଂଘ ପକ୍ଷରୁ ରୋଗୀଙ୍କୁ ସୁଷମ ଖାଦ୍ୟ ଯୋଗାଣ ପାଇଁ ଖୋଲାଯାଇଥିବା ସୁଭଦ୍ରା ଦିଦି କିଓସ୍କୋ ହୋଟେଲର ଶୁଭାରମ୍ଭ ହୋଇଛି। ତିହିଡି ବିଡ଼ିଓ, ପଂଚାୟତସମିତି ଅଧ୍ୟକ୍ଷା, ଡାକ୍ତର, ଜୀବିକା ମିଶନ ଅଧିକାରୀ, ଜନ ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଏହି କିଓସ୍କୋରେ ସୁଷମ ଖାଦ୍ୟର ବ୍ୟବସ୍ଥା କରାଯାଇ ସେବା ପ୍ରଦାନ କରାଯିବ ବୋଲି କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମହିଳା

ଗୋଷ୍ଠୀର ଶତାଧିକ ସଦସ୍ୟା, ପଂଚାୟତର ଜନସାଧାରଣ, ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

## ଆଥଲେଟିକ୍ ଚାମ୍ପିଅନ୍‌ସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ପ୍ରଥମ ଜାତୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍-୨୦୨୬ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ୨୭୮ରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ଭାଗ ନେଇଛନ୍ତି। ରାଜ୍ୟରୁ ୩୩ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ଜଣାପଡିଛି।